# NATIONAL NEWS BULLETIN (ODIA)
## 9 December - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ବୀମା ସଚେତନତା ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଆଜି ବୀମା ସଖୀ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।
- ମାନବାଧିକାର ଦିବସ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ।
- ଜନଜାତି ବିକାଶ ପାଣ୍ଠି ସହାୟତା ଦ୍ୱାରା ଦେଶବ୍ୟାପି ୬ ଲକ୍ଷ ୨୯ ହଜାର ଜନଜାତି ପରିବାର ଉପକୃତ ହୋଇଛନ୍ତି ବୋଲି ଲୋକସଭାରେ ଅର୍ଥମନ୍ତ୍ରୀଙ୍କ ସୂଚନା ।
- ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ପରବର୍ତ୍ତି ଗଭର୍ଣ୍ଣର ହେବେ ରାଜସ୍ଥାନ କ୍ୟାଡରର ଆଇ.ଏ.ଏସ୍. ଅଧିକାରୀ ସଂଜୟ ମାଲହୋତ୍ରା ।

ଏବଂ

- ଇଣ୍ଡୋନେସିଆରେ ଭୂସ୍ଖଳନ ଯୋଗୁଁ ୧୦ ଜଣଙ୍କର ମୃତ୍ୟୁ ହେବା ସହ ୨ ଜଣ ନିଖୋଜ ।

## ପିଏମ୍-ପାନିପତ

ମହିଳାଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ବୀମା ସଚେତନତା ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବୀମା ସଖୀ ଯୋଜନାର ଆଜି ଶୁଭାରମ୍ଭ କରିଛନ୍ତି । ଭାରତୀୟ ଜୀବନବୀମା ପକ୍ଷରୁ ପ୍ରସ୍ତୁତ ଏହି ଯୋଜନା ଅଧୀନରେ ଦଶମ ଶ୍ରେଣୀ ପାଶ୍ କରିଥିବା ୧୮ରୁ ୭୦ ବର୍ଷ ବୟସ୍କ ମହିଳାଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବା ସହିତ ପ୍ରଥମ ତିନି ବର୍ଷ ଲାଗି ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ।

ଏହି ଅବସରରେ ହରିଆନାର ପାନିପତ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣ ଦିଗରେ ତାଙ୍କ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ବୀମା ସଖୀ ଯୋଜନାର ଶୁଭାରମ୍ଭ ଦ୍ୱାରା ଏ ଦିଗରେ ଦେଶ ଆଉ ଏକ ପାଦ ଅଗ୍ରସର ହୋଇଛି । ମହିଳାଙ୍କୁ ସଶକ୍ତ କରିବା ଲାଗି ସେମାନଙ୍କୁ ଅଧିକ ସୁଯୋଗ ପ୍ରଦାନ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, କିଛି ବର୍ଷ ପୂର୍ବେ ତାଙ୍କ ସରକାର ଏହି ପାନିପତ ଠାରୁ ହିଁ 'ବେଟି ବଚାଓଁ – ବେଟି ପଢ଼ାଓଁ'

ଅଭିଯାନର ଶୁଭାରମ୍ଭ କରିଥିଲେ ଏବଂ ଏହାର ସକାରାତ୍ମକ ପ୍ରଭାବ କେବଳ ହରିଆଣା ଉପରେ ନୁହେଁ ବରଂ ସମଗ୍ର ଦେଶରେ ଅନୁଭୂତ ହୋଇଛି । ବର୍ତ୍ତମାନ ବୀମା ସଖୀ ଯୋଜନା ମଧ୍ୟ ପାନିପତ ଠାରୁ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ହରିଆଣା 'ଏକ୍ ହେଁ – ସେଫ୍ ହେଁ' ମନ୍ତ୍ରକୁ ଆଧାର କରି ଯେଉଁ ପଥରେ ଅଗ୍ରସର ହେଉଛି ଏହା ବର୍ତ୍ତମାନ ଦେଶର ଅବଶିଷ୍ଟ ଅଞ୍ଚଳ ଲାଗି ଏକ ଉଦାହରଣ ପାଲଟିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବୀମା ସଖୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କର ଏହି ଅରିଆଣା ଗସ୍ତ ଅବସରରେ ସେ କାର୍ଣ୍ଣାଲ୍ ସ୍ଥିତ ମହାରଣାପ୍ରତାପ ଉଦ୍ୟାନ କୃଷି ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍ ଲାଗି ଶିଳାନ୍ୟାସ କରିଛନ୍ତି । ୪୯୫ରୁ ଊର୍ଦ୍ଧ୍ୱ ଏକର ପରିମିତ ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି କ୍ୟାମ୍ପସ୍ ଏବଂ ୬ଟି ଆଞ୍ଚଳିକ ଗବେଷଣା କେନ୍ଦ୍ର ଲାଗି ୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

# ପିଏମ୍-ରାମକୃଷ୍ଣ ମଠ

୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଦେଶର ଯୁବବର୍ଗ ପ୍ରଗତିପଥରେ ଯୋଗଦାନ ଦେବାର ଏହା ପ୍ରକୃଷ୍ଟ ସମୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଅହମ୍ମଦାବାଦ ଠାରେ ରାମକୃଷ୍ଣ ମଠ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ରାଜନୀତି ସମେତ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବା ଲାଗି ଆମ ଯୁବବର୍ଗଙ୍କୁ ପ୍ରସ୍ତୁତ କରାଇବା ଉଚିତ୍ । ଏଥିସହିତ ଏକ ଉତ୍ତମ ମାନବ ସମାଜ ଗଠନ ଲାଗି ଆଧ୍ୟାତ୍ମିକତା ଏବଂ ନିରନ୍ତରତା ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା ଭାବେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି । ଏ ଦିଗରେ ଦେଶର ଯୁବବର୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଭାରତର ପ୍ରଗତି ଦିଗରେ ରାମକ୍ରିଷ୍ଣ ମିଶନ୍‌ର ଉଲ୍ଲେଖନୀୟ ଅବଦାନକୁ ଶ୍ରୀ ମୋଦୀ ପ୍ରଶଂସା କରିବା ସହିତ ଦେଶରେ ସାମାଜିକ ଉତ୍ଥାପନ ଦିଗରେ ସନ୍ଥମାନଙ୍କର ଅବଦାନ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଛନ୍ତି ।

## ପ୍ରେଜ୍-ହ୍ୟୁମାନ୍ ରାଇଟସ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ମାନବାଧିକାର ଦିବସ ଅବସରରେ ନୂଆଦିଲ୍ଲୀ ଠାରେ ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେବେ । ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବାଧିକାର ଦିବସ ରୂପେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ରହିଛି, 'ଆମ ଅଧିକାର, ଆମ ଭବିଷ୍ୟତ, ବର୍ତ୍ତମାନ' ।

## ନିର୍ମଳା ସୀତାରମଣ

ଦେଶର ଜନଜାତି ଅଞ୍ଚଳର ବିକାଶ ଲାଗି ନାବାର୍ଡ୍ ଜନଜାତି ବିକାଶ ପାଣ୍ଠି ଅଧୀନରେ ଆର୍ଥିକ ସହାୟତା ଯୋଗାଇ ଦେଉଛି । ଗତ ୧୮ ବର୍ଷ ମଧ୍ୟରେ ୧ ହଜାର ୨୯ଟି ପ୍ରକଳ୍ପ ଲାଗି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଜନଜାତି ପରିବାର ଗୁଡ଼ିକୁ ସ୍ଥାୟୀ ଜୀବିକା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ଗୁଡ଼ିକ ଉଦ୍ଦିଷ୍ଟ । ୨୦୦୫-୦୬ ଆର୍ଥିକ ବର୍ଷରେ ଶୁଭାରମ୍ଭ ହୋଇଥିବା ଏହି ଜନଜାତି ବିକାଶ ପାଣ୍ଠି ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୨୯ ହଜାର ପରିବାର ଉପକୃତ

ହୋଇଛନ୍ତି । ଦେଶବ୍ୟାପି ଜନଜାତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୨ କୋଟି ୯୦ ଲକ୍ଷ ଚାରା ରୋପଣ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଉଲ୍ଲେଖ କରିଛନ୍ତି ।

ଲୋକସଭାରେ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ଛୋଟ ଏବଂ ମଧ୍ୟମ ଚାଷୀଙ୍କୁ ପ୍ରଦାନ କରାଯାଉଥିବା କୃଷି ଋଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ବର୍ଗର ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଋଣର ପରିମାଣ ୧୩ କୋଟି ଟଙ୍କା ଅତିକ୍ରମ କରିଛି । ୨୦୨୨-୨୩ରେ ୧୨ କୋଟି ୩୮ ଲକ୍ଷ ଏବଂ ୨୦୨୧-୨୨ରେ ୧୧ କୋଟି ୬୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି ବୋଲି ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି ।

## ବିଜେପି-ରାଜ୍ୟସଭା ଲିଷ୍ଟ

ଆସନ୍ତା ୨୦ ତାରିଖ ଦିନ ୬ଟି ରାଜ୍ୟସଭା ଆସନ ଲାଗି ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ବିଜେପି ପକ୍ଷରୁ ତିନି ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଓଡ଼ିଶାରୁ ସୁଜିତ କୁମାରଙ୍କୁ ଦଳ ଟିକେଟ ଦେଇଥିବା ବେଳେ ଆନ୍ଧ୍ରପ୍ରଦେଶ ଲାଗି ରାଏଗା କ୍ରିଷ୍ଣାୟା ଏବଂ ହରିଆଣାରୁ ରେଖା ଶର୍ମାଙ୍କୁ ଦଳ ପ୍ରାର୍ଥୀ କରିଛି । ଗତ ମାସରେ ଏହି ୬ଟି ରାଜ୍ୟସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ ଘୋଷଣା

କରିଥିଲେ । ସେଥିମଧ୍ୟରୁ ଆନ୍ଧ୍ରପ୍ରଦେଶର ତିନୋଟି ଏବଂ ଓଡ଼ିଶା, ପଶ୍ଚିମବଙ୍ଗ ଓ ହରିଆଣାରୁ ଗୋଟିଏ ଲେଖାଏଁ ଆସନ ଅନ୍ତର୍ଭୁକ୍ତ । ଗତ ତିନି ତାରିଖରେ ଏହି ଉପନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆସନ୍ତାକାଲି ହେଉଛି ମନୋନୟନ ପତ୍ର ଦାଖଲର ଶେଷ ଦିବସ । ୨୦ ତାରିଖ ଦିନ ଭୋଟ ଗ୍ରହଣ କରାଯାଇ ଗଣତି ହେବ ବୋଲି ଆୟୋଗ କହିଛନ୍ତି ।

## ଆର୍‌ବିଆଇ-ଗଭର୍ଣ୍ଣର

ସଂଜୟ ମାଲହୋତ୍ରା ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ପରବର୍ତ୍ତି ଗଭର୍ଣ୍ଣର ହେବେ । କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି ବ୍ୟାପାର କମିଟି ଶ୍ରୀ ମାଲହୋତ୍ରାଙ୍କ ନାମକୁ ମଞ୍ଜୁରୀ ପ୍ରଦାନ କରିଛି ।  ଆସନ୍ତା ୧୧ ତାରିଖ ଠାରୁ ୩ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ । ୧୯୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡରର ଏହି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟରେ ରାଜସ୍ୱ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି । ଶ୍ରୀ ମାଲହୋତ୍ରା ଶକ୍ତିକାନ୍ତ ଦାସଙ୍କ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଦାୟିତ୍ୱ ତୁଲାଇବେ ।

## ମିଶ୍ରି-ବାଂଲାଦେଶ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ବାଂଲାଦେଶ ଗସ୍ତରେ ଯାଇ ଆଜି ଅପରାହ୍ଣରେ ତାଙ୍କର ସେଠାକାର ପ୍ରତିପକ୍ଷ ମହମ୍ମଦ ଜଶିମ୍ ଉଦ୍ଦିନ୍ଙ୍କ ସହିତ ଢାକାଠାରେ ସାକ୍ଷାତ ଆଲୋଚନା କରିଛନ୍ତି । ଏକଦିବସୀୟ ବାଂଲାଦେଶ ଗସ୍ତରେ ଯାଇ ଶ୍ରୀ ମିଶ୍ରି ଆଜି ଦୁଇ ଦେଶ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ଢାକାଠାରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ବେଳେ ଶ୍ରୀ ମିଶ୍ରି କହିଛନ୍ତି, ଭାରତ ବାଂଲାଦେଶ ସହିତ ଏକ ସକାରାତ୍ମକ, ଗଠନମୂଳକ ତଥା ଆପୋଷ ଲାଭଦାୟକ ଭାଗିଦାରୀ ସମ୍ପର୍କ ଚାହେଁ । ବିଭିନ୍ନ ପ୍ରସଙ୍ଗରେ ସେ ସେଠାରେ ଆଲୋଚନା କରିଛନ୍ତି ବୋଲି ଶ୍ରୀ ମିଶ୍ରି କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟବସ୍ତୁ ରହିଛି **'ଯକ୍ଷ୍ମାମୁକ୍ତ ଭାରତ'**। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯକ୍ଷ୍ମାବିଭାଗ ଉପମହାନିର୍ଦ୍ଦେଶକ ପ୍ରଫେସର ଉର୍ବଶୀ ବି. ସିଂହ ଏବଂ ଏମ୍ସର ପଲ୍ମୋନାରୀ ମେଡିସିନ୍ ବିଭାଗର ପ୍ରଫେସର ଡକ୍ଟର ବିଜୟ

ହତ୍ତ୍ୱା ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଷୟବସ୍ତୁ ସଂକ୍ରାନ୍ତ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ। ଏଥିପାଇଁ ଶ୍ରୋତାମାନେ ରାତି ସାଢ଼େ ୯ଟା ଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରିପାରିବେ। ଏହାବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ମଧ୍ୟ ନିଜ ପ୍ରଶ୍ନ ପଚାରିପାରିବେ।

# ବିଏସ୍ଏଫ୍-ସୁଟ୍

ପଞ୍ଜାବର ଅମ୍ରିତଶର ଜିଲ୍ଲା ଅନ୍ତର୍ଗତ ମାହାୱ୍ୱା ଗ୍ରାମ ନିକଟରେ ଥିବା ସୀମାରେ ଭାରତ ମଧ୍ୟକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଜଣେ ପାକ୍ ଅନୁପ୍ରବେଶକାରୀ ଗତକାଲି ରାତିରେ ବି.ଏସ୍.ଏଫ୍. ଗୁଳିରେ ନିହତ ହୋଇଛି । ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହି ମୃତ ଅନୁପ୍ରବେଶକାରୀକୁ ସମ୍ପୃକ୍ତ ଥାନାରେ ହସ୍ତାନ୍ତର କରାଯାଇଛି । ବି.ଏସ୍.ଏଫ୍. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ଅନୁପ୍ରବେଶକାରୀ ରାତିର ଅନ୍ଧାରର ସୁଯୋଗ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ଆନ୍ତର୍ଜାତିକ ସୀମାକୁ ଅତିକ୍ରମ କରିବା ନିମନ୍ତେ ଉଦ୍ୟମ କରୁଥିବା ବେଳେ ତାକୁ ସତର୍କ କରାଯାଇଥିଲା । ମାତ୍ର ସେ ନିଜ ପଥରେ

ସୀମା ସୁରକ୍ଷା ବାଡ଼ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ବେଳେ ବି.ଏସ୍.ଏଫ୍. ପକ୍ଷରୁ ଗୁଳିମାଡ଼ କରାଯାଇଥିଲା ।

## ଇଣ୍ଡୋନେସିଆ-ଲ୍ୟାଣ୍ଡସ୍ଲାଇଡ୍

ଇଣ୍ଡୋନେସିଆରେ ଭୂସ୍ଖଳନ ଯୋଗୁଁ ୧୦ ଜଣଙ୍କର ମୃତ୍ୟୁ ହେବା ସହ ୨ ଜଣ ନିଖୋଜ ଅଛନ୍ତି । ସେଠାକାର ଜାତୀୟ ବିପର୍ଯ୍ୟୟ ପ୍ରସମନ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜାଭାରେ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ିଆ ଗ୍ରାମ ଗୁଡ଼ିକରେ ଏହି ଭୂସ୍ଖଳନ ଘଟିଛି । ପ୍ରବଳ ବର୍ଷା ଯୋଗୁଁ ପଶ୍ଚିମ ଜାଭା ପ୍ରଦେଶର ସୁକାବୁମି ଜିଲ୍ଲାରେ ଭୂସ୍ଖଳନ ସହିତ ବନ୍ୟା ମଧ୍ୟ ଦେଖାଦେଇଛି । ଏହାଦ୍ୱାରା ୧୭୦ରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହେବା ସହିତ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ବ୍ରିଜ୍, ସଡ଼କ ଓ ଘର ଗୁଡ଼ିକ ବହୁମାତ୍ରାରେ ନଷ୍ଟ ହୋଇଯାଇଛି । ଇଣ୍ଡୋନେସିଆରେ ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଓ ଭୂସ୍ଖଳନ ଦେଖାଦେଇଥାଏ ।

# ହକି-ଏସିଆକପ୍

ମହିଳା ଜୁନିୟର୍ ଏସିଆ ହକି ପ୍ରତିଯୋଗିତାରେ ଆଜି ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚରେ ଭାରତ ମାଲେସିଆକୁ ଭେଟିବ। ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ। ଗତରାତିରେ ଓମାନ୍‌ର ମସ୍କଟ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୧୩-୧ ଗୋଲରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ମମତାଜ୍ ଖାଁ ୪ଟି ଗୋଲ୍ ସ୍କୋର କରିଥିବାବେଳେ କନିକା ସିୱାଚ୍ ଏବଂ ଦୀପିକା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।